# ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ,ବାଲେଶ୍ୱର

ନମ୍ବର ୨୫୨ ତାରିଖ 10.01.2022

## ଦୋକାନ ଗୃହ ଆବଣ୍ଟନ ନିମନ୍ତେ ବିଜ୍ଞାପନ

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ସଂଲଗ୍ନ ଦକ୍ଷିଣପାର୍ଶ୍ୱ ପାଚେରୀକୁ ଲାଗି ନିର୍ମିତ ହୋଇଥିବା ୩ ଗୋଟି କୋଠରୀକୁ ଉଦ୍ଦିଷ୍ଟ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ମାସିକ ଭଡା ସୂତ୍ରରେ ଲଟେରୀପ୍ରକ୍ରିୟା ମାଧମରେ ଆବଣ୍ଟନ କରାଯିବ ।ଏଥିନିମନ୍ତେ ତା10.01.2022..ରିଖ ଠାରୁ ତା 22.01.2022.ରିଖ ମଧରେ ଆବେଦନକାରୀ ନିର୍ଦ୍ଦିଷ୍ଟ ଫର୍ମରେଆବେଦନ କରିବେ ।ଲଟେରୀ ଉଠାଣ ସମୟରେ ଆବେଦନ ଦାତା ନିଜେ ଉପସ୍ଥିତ ରହିବେ ।ଯଦି କୌଣସି ଆବେଦନ ବ୍ୟକ୍ତି ଉପସ୍ଥିତ ନ ଥିବେ ତେବେ ମଧ ଉପରୋକ୍ତ ଲଟେରୀ ଉଠାଣ କରାଯାଇପାରିବ।ଦୋକାନ କୋଠରୀ ଗୁଡିକର ଲମ୍ବ ଓ ପ୍ରସ୍ଥ ଯଥାକ୍ରମେ-:

୧। ଦ୍ୱିତୀୟ କୋଠରୀ– ଲମ୍ବ ୧୬'୯''X ପ୍ରସ୍ଥ ୧୦''୭''

୨। ତୃତୀୟ କୋଠରୀ - ଲମ୍ବ ୧୬'୯''X ପ୍ରସ୍ଥ ୧୧''୩'

୩। ଚତୁର୍ଥ କୋଠରୀ - ଲମ୍ବ ୧୬'୯''X ପ୍ରସ୍ଥ ୧୧''୦''

### ସର୍ତ୍ତାବଳୀ

୧ -ଆବେଦନକାରୀ ବାଲେଶ୍ୱର ପୌରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ।ପୌର ପାଳିକାର କୌଣସି ନିୟମିତ କର୍ମଚାରୀ କିମ୍ବା ସେମାନଙ୍କର ପରିବାର ର ସଦସ୍ୟ ଆବେଦନ କରି ପାରିବେ ନହିଁ ।

୨ -ଆସନ୍ତା ତା10.01.2022.ରିଖ ଠାରୁ ତା.22.01.2022 ରିଖ ମଧରେ ଇଚ୍ଛୁକ ବ୍ୟକ୍ତି ପୌର କାର୍ଯ୍ୟାଳୟର କାର୍ଯ୍ୟ ଦିବସ ସମୟ ସୀମା ମଧରେ 200/-ଦୁଇ ଶତ ଟଙ୍କା ପଇଠ କରି ନିର୍ଦ୍ଧାରିତ ଆବେଦନ ଫର୍ମ କ୍ରୟ କରି ଉପରୋକ୍ତ ସମୟ ସୀମା ମଧରେ ଆବେଦନ କରିପାରିବେ । ଫର୍ମ ସହିତ ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ନକଲ କପି ସଂଲଗ୍ନ କରିବେ। ଉକ୍ତ କୋଠରି ଆବଣ୍ଟନ ନିମନ୍ତେ ଲଟେରୀ ତା 23.01.2022 ରିଖ ରେ ଅନୁଷ୍ଠିତ ହେବ ।

୩ -ପ୍ରତ୍ୟେକ ଦୋକାନ କୋଠରୀ ପାଇଁ ମାସିକ ଟ.୮୦୦.୦୦ ଙ୍କା ଧାର୍ଯ୍ୟ ଅଛି।

୪ -ଲଟେରୀ ସଫଳତା ହାସଲ କରିଥିବା ବ୍ୟକ୍ତି ଏକ ବର୍ଷ ପାଇଁ ଅଗ୍ରୀମ ଭଡା ଟ.୯,୬୦୦ ଙ୍କା ଏକକାଳୀନ ପୌର ତହବିଲରେ ପଇଠ କରିବା ହେବେ ।

୫ -ଏତଦଭିନ୍ନ ପ୍ରତ୍ୟେକଟି ଦୋକାନ କୋଠରୀ ପାଇଁ ଟ.୨୦,୦୦୦ଙ୍କା ସିକ୍ୟୁରିଟୀ ଜମା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଆବେଦନ ଫର୍ମ ସହିତ ପୌର ତହବିଲରେ ପଇଠ କରିବା ବାଧ୍ୟତାମୂଳକ ଅଟେ ।

୬ -ଦୋକାନ ଗ୍ରହିତା ଉପରୋକ୍ତ ସର୍ତ୍ତ ସହିତ ଅନ୍ୟାନ୍ୟ ସର୍ତ୍ତ ଆରୋପିତ ସମ୍ମତି ପତ୍ର(AGREEMENT) ସମ୍ପାଦନ କରିବାକୁ ବାଧ୍ୟରହିବେ

୭- ଦୋକାନ ଗ୍ରହିତା ମାସିକ ଭଡା ପୌର ତହବିଲରେ ଠିକ ସମୟରେ ପଇଠ କରିବେ ।

୮ -ପୌର ଅଧିକାରୀଙ୍କ ବିନା ଅନୁମତିରେ ଦୋକାନ କୋଠରୀ ମରାମତି ତଥା ଅନ୍ୟକୁ ହସ୍ତାନ୍ତର କିମ୍ବା Sub Let କରିପାରିବେ ନାହିଁ ।

୯ - ସମୟ ଅନୁଯାୟୀ ନିର୍ଦ୍ଧାରିତ ନିୟମାବଳୀ ପରିବର୍ତ୍ତୀତ ହେଲେ ଦୋକାନ ଗ୍ରହିତା ମାନିବାକୁ ବାଧ୍ୟ ରହିବେ।

୧୦- ଦୋକାନ ଗ୍ରହିତା ମାସିକ ବିଦ୍ୟୁତ ଦେୟ ନିଜ ତରଫରୁ ପଇଠ କରିବେ ।

୧୧- ନୋଟିସ ପାଇବାର ୧୫ଦିନ ମଧରେ ଦୋକାନ ଗୃହ ଛାଡିବାକୁ ବାଧ୍ୟ ରହିବେ ।

୧୨- ପ୍ରତ୍ୟେକ ଆବେଦନ ପତ୍ର ବନ୍ଦ ଲଫାପାରେ ଶେଷ ତାରିଖ ସୁଦ୍ଧା ନିର୍ବାହୀ ଅଧିକାରୀଙ୍କ ପାଖେ ପହଞ୍ଚିବା ଆବଶ୍ୟକ ଏବଂ ଲଫାପା ଉପରେ କେଉଁ କୋଠରି ପାଇଁ ଆବେଦନ କରିଛନ୍ତି ତାହା ଦର୍ଶାଇବେ ।

ନିର୍ବାହୀ ଅଧିକାରୀ,

ଜ୍ଞାପକ ସଂଖ୍ୟା 243 ତାରିଖ 10.01.22

ଏହାର ଏକକିତା ନକଲ ସୂଚନା ଓ ଲୋକ ସମ୍ପର୍କ ବିଭାଗ ,ଓଡିଶା ସରକାର, ଭୁବନେଶ୍ବର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଜନ ସାଧାରଣ ଙ୍କ ସୂଚନା ନିମନ୍ତେ ଦୈନିକ ଦୁଇଟି ଓଡିଆ ଖବର କାଗଜ ରେ ବାଲେଶ୍ୱର ପୌରପାଳିକାର ତିନୋଟି ଦୋକାନ ଘର ର ନିଲାମ ନିମନ୍ତେ ସର୍ବ ନିମ୍ନ ଆକାରରେ ପ୍ରକାଶ କରାଇବା ହେବେ । ଏଥିନିମନ୍ତେ ସମସ୍ତ ସୂଚନା ପାଇଁ ବାଲେଶ୍ୱର ପୌରପାଳିକା ର ୱେବସାଇଟ www.balasoremunicipality.in ଏବଂ ବାଲେଶ୍ୱର ଜିଲ୍ଲା ୱେବସାଇଟ http//:baleswar.nic.in ଦେଖିବା ପାଇଁ ଆବେଦନକାରୀଙ୍କୁ ଉକ୍ତ ପ୍ରକାଶନ ମାଧମରେ ଜଣାଇବା ସହିତ ପ୍ରକାଶିତ ଦୈନିକ ଖବର କାଗଜର କପି ଉକ୍ତ କରୟାଳୟ କୁ ପ୍ରେରଣ କରିବା କୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ 9.1.22
ବାଲେଶ୍ୱର ପୌରପାଳିକା

ଜ୍ଞାପକ ସଂଖ୍ୟା 244 ତାରିଖ 10.01.22

ଏହାର ଏକାକିତା ନକଲ ଜିଲ୍ଲାପାଳ, ବାଲେଶ୍ୱର/ ଉପ ଜିଲ୍ଲାପାଳ ,ବାଲେଶ୍ୱର / ତହସିଲଦାର , ବାଲେଶ୍ୱର /ସବରେଜିଷ୍ଟର, ବାଲେଶ୍ୱର/ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତବିଭାଗ , ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ କର୍ତ୍ତୃପକ୍ଷ , ବାଲେଶ୍ୱର /ସୂଚନା ଓ ଲୋକସଂପର୍କ ଅଧିକାରୀ, ବାଲେଶ୍ୱର /ବ୍ଲକଉନ୍ନୟନ ଅଧିକାରୀ, ସଦର, ବାଲେଶ୍ୱର/ଆଞ୍ଚଳିକ ପରିବହନ ଅଧିକାରୀ, ବାଲେଶ୍ୱର / ଜିଲ୍ଲା ଶ୍ରମ ନିୟୋଜନ ଅଧିକାରୀ, ବାଲେଶ୍ୱର / ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବାଲେଶ୍ୱର / ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱରଙ୍କ ବିହୀତ ଅବଗତି ନିମିତ ଜଣାଇ ଦିଆଯାଇ ଅନୁରୋଧ କରାଗଲାକି ସେମାନେ ଉକ୍ତ ବିଜ୍ଞାପନକୁ ନୋଟିସ ବୋର୍ଡରେ ପ୍ରଦର୍ଶନ କରାଇବା ହେବେ।

ନିର୍ବାହୀ ଅଧିକାରୀ,
ବାଲେଶ୍ୱର ପୌରପାଳିକା